# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**7 September - 2024**

**News Editor : Itishree Singh Rathaur**

***********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନା ମହିଳାମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ସ୍ୱପ୍ନକୁ ସାକାର କରିବ କହିଲେ ମୁଖ୍ୟମନ୍ତ୍ରୀ

– ଜିଲ୍ଲାସ୍ତରରେ ଆରମ୍ଭ ହେଲା ସୁଭଦ୍ରା ଯୋଜନା ସଚେତନତା ରଥ

- ଆସନ୍ତା ୩ ମାସ ମଧ୍ୟରେ ୨ ହଜାର ବନରକ୍ଷୀ ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

- ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହେଉଛି ବିଘ୍ନ ବିନାଶକ ମହାବିନାୟକଙ୍କ ଚତୁର୍ଥୀ ପୂଜା

ଏବଂ

- ଲଘୁଚାପର ପ୍ରଭାବରେ ବର୍ଷା ହେବା ନେଇ ୨୧ଟି ଜିଲ୍ଲା ପାଇଁ ସତର୍କ ସୂଚନା

*DHNKL/Keonjhar/R.gada/Kandhamal/Nayagarh/BBSR*

## ସୁଭଦ୍ରା ସଚେତନତା ରଥ

ରାଜ୍ୟର ପ୍ରତି ମହିଳାଙ୍କୁ ସୁଭଦ୍ରା ଯୋଜନା ସଶକ୍ତ କରିବା ସହ ସେମାନଙ୍କ ସ୍ୱପ୍ନକୁ ପୂରଣ କରିବାରେ ସହାୟକ ହେବ। ଭୁବନେଶ୍ୱର ଗାନ୍ଧୀମାର୍ଗଠାରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ କହିଛନ୍ତି, ଏହି ଯୋଜନା ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ଆଗେଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବା ଅବସରରେ ଏହି ଯୋଜନାର ଶୁଭାରମ୍ଭ କରିବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟର ୧ କୋଟିରୁ ଅଧିକ ମହିଳା ଏହି ଯୋଜନା ଦ୍ୱାରା ଉପକୃତ ହେବେ। ଏଥିପାଇଁ ପଞ୍ଜୀକରଣର ସମୟସୀମା ଧାର୍ଯ୍ୟ କରାଯାଇନାହିଁ, ତେଣୁ ଶେଷ ହିତାଧିକାରୀ ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ଜାରି ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ

ଆହୁଜା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲାସ୍ତରରେ ପ୍ରଶାସନ ପକ୍ଷରୁ ସଚେତନତା ରଥ ଜିଲ୍ଲାର ବିଭିନ୍ନ ସ୍ଥାନ ଯାଇ ଏହି ଯୋଜନା ସମ୍ପର୍କରେ ଅବଗତ କରାଇବ। ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚାରିଟି ସୁଭଦ୍ରା ଯୋଜନା ସଚେତନତା ରଥକୁ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

**ଢେଙ୍କାନାଳ** ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ସୁଭଦ୍ରା ଯୋଜନା ପ୍ରଚାର ଗାଡ଼ିକୁ ସବୁଜ ପତାକା ଦେଖାଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ସଚେତନତା ରଥ ସୁଭଦ୍ରା ଯୋଜନା ସମ୍ପର୍କରେ ମହିଳାମାନଙ୍କୁ ସକ୍ରିୟ କରିବ।

**କେନ୍ଦୁଝର** ଜିଲ୍ଲାରେ ସୁଭଦ୍ରା ଯୋଜନା ସମ୍ପର୍କରେ ଲୋକଙ୍କ ଭିତରେ ରହିଥିବା ଭ୍ରମାତ୍ମକ ଧାରଣାକୁ ଦୂର କରିବା ସହିତ ହିତାଧିକାରୀମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବା ନେଇ ୭ଟି ସୁଭଦ୍ରା ସଚେତନତା ରଥ ଆଜିଠାରୁ ଜିଲ୍ଲାର ୧୩ଟି ବ୍ଲକ ଓ ପୌରାଞ୍ଚଳ ପରିକ୍ରମା କରିବ। ଜଙ୍ଗଲ,

ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି ।

**ରାୟଗଡ଼ା** ଜିଲ୍ଲାରେ ସୁଭଦ୍ରା ସଚେତନତା ରଥ ଏବଂ ବିଜେପି ବୁଥ୍‌ସ୍ତରୀୟ ସଦସ୍ୟତା ଗ୍ରହଣ ଅଭିଯାନକୁ ସଡ଼କ ପରିବହନ ଏବଂ ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ଶୁଭାରମ୍ଭ କରିଛନ୍ତି । ମନ୍ତ୍ରୀ ଶ୍ରୀ ଜେନା ରାୟଗଡ଼ାର ୨୦୨ ନମ୍ବର ବୁଥ୍‌ରେ ସଦସ୍ୟତା ଅଭିଯାନର ଶୁଭାରମ୍ଭ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

**କନ୍ଧମାଳ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ସୁଭଦ୍ରା ଯୋଜନା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାପାଳ କହିଛନ୍ତି, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସଶକ୍ତ କରିବା ସହିତ ସେମାନଙ୍କର ସ୍ୱପ୍ନକୁ ସାକାର କରିବ ।

***Keonjhar***

## ବନରକ୍ଷୀ ପଦବୀ

ରାଜ୍ୟ ସରକାର ଆସନ୍ତା ୩ ମାସ ମଧ୍ୟରେ ୨ ହଜାର ବନରକ୍ଷୀ ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି । ସୁଭଦ୍ରା ଯୋଜନା ସଚେତନତା ରଥକୁ ଆଜି ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ

କହିଛନ୍ତି, ବନରକ୍ଷୀ ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରସ୍ତୁତି ଆରମ୍ଭ ହୋଇଛି ।

# - V/O –

***Sonepur***

## ନୂଆଖାଇ

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ସ୍ୱତନ୍ତ୍ର ନୂଆଖାଇ ହାଟ ବସିଛି । ନୂଆଖାଇ ପର୍ବ ପାଳନର ଅବ୍ୟବହିତ ପୂର୍ବରୁ କିଣାବିକା ପାଇଁ ଏହି ହାଟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି ।

***All PTC***

## ଗଣେଶ ପୂଜା

ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ଆଜି ଧରାପୃଷ୍ଠକୁ ବିଘ୍ନ ବିନାଶକ ମହାବିନାୟକ ବିରାଜମାନ କରିଛନ୍ତି। ମଧ୍ୟାହ୍ନ ସମୟରେ ବକ୍ରତୁଣ୍ଡଙ୍କୁ ଆବାହନ କରିବା ବିଧି ଥିବାରୁ ରାଜ୍ୟର ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଗଣେଶ ଚତୁର୍ଥୀ ପୂଜା ଅନୁଷ୍ଠିତ ହେଉଛି । ଅଗ୍ରପୂଜ୍ୟ ବକ୍ରତୁଣ୍ଡ ଏବଂ ଗଣମାନଙ୍କର ସେନାପତିଙ୍କୁ ଆରାଧନା କରି କୌଣସି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ କଲେ ତାହା ବିନା ବାଧାବିଘ୍ନରେ ସୂଚାରୁରୂପେ ସମ୍ପାଦିତ ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣିତ ଅଛି ।

ପୁରୀ ଶ୍ରୀମନ୍ଦିର ବଟଗଣେଶଙ୍କଠାରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ରାଜ୍ୟର ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟ, ସାମାଜିକ ପ୍ରତିଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ କ୍ଲବ ଘରଗୁଡ଼ିକ ପକ୍ଷରୁ ଗଣେଶ ପୂଜା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଗଣେଶ ଚତୁର୍ଥୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଖୋର୍ଦ୍ଧା ଜିଲ୍ଲା ଜଟଣୀ, ଢେଙ୍କାନାଳ, କଟକ, ଗଞ୍ଜାମ, ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସୁସଜ୍ଜିତ ମଣ୍ଡପରେ ଗଣନାୟକଙ୍କୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି।

***Desk***

## ଇଣ୍ଡିଆ କେମ୍-୨୦୨୪ ଶିଳ୍ପ ସମ୍ମିଳନୀ

ଗୁଜୁରାଟ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଦେଶର ରସାୟନ ଓ ପେଟ୍ରୋ କେମିକାଲ୍ସ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ରସାୟନିକ ଓ ପେଟ୍ରୋକେମିକାଲ୍ସ ବିଭାଗ ଏବଂ ଫିକିର ମିଳିତ ସହଯୋଗରେ ଭୁବନେଶ୍ୱରଠାରେ ଆୟୋଜିତ ଇଣ୍ଡିଆ କେମ୍-୨୦୨୪ ଶିଳ୍ପ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏହା କହିଛନ୍ତି। ରସାୟନ ଏବଂ ପେଟ୍ରୋଲ କେମିକାଲ୍ସ କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ କେନ୍ଦ୍ରରେ

ପରିଣତ ହେବାକୁ ଯାଉଛି। ଉତ୍ପାଦନ, ନିଯୁକ୍ତି ଏବଂ ରପ୍ତାନୀ ପାଇଁ ଏ କ୍ଷେତ୍ରରେ ବିପୁଳ ସୁଯୋଗ ରହିଛି ବୋଲି ସେ କହିଛନ୍ତି। ଆଗାମୀ ୨୦୪୭ ସୁଦ୍ଧା ଭାରତର ଅର୍ଥନୀତି ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ ବୋଲି ଆକଳନ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି।

ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ଶିଳ୍ପ ନୀତି ଏବଂ ଏ କ୍ଷେତ୍ରରେ ପ୍ରଦାନ କରାଯାଉଥିବା ପ୍ରୋତ୍ସାହନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟର ସଚିବ ନିବେଦିତା ଶୁକ୍ଳା ବର୍ମା ପ୍ରମୁଖ ଯୋଗ ଦେଇଥିଲେ।

***Nayagarh***

## ସଡ଼କ ଦୁର୍ଘଟଣା

ନୟାଗଡ଼ ଜିଲ୍ଲା ଦଶପଲ୍ଲା ଗଣିଆ ରାସ୍ତାର ଡିହ ଗାଁ ଛକଠାରେ ସଡ଼କ ଦୁର୍ଘଟଣାରେ ୨ ଦୁଇଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଦ୍ରୁତଗତିରେ ଆସୁଥିବା ଗୋଟିଏ ମୋଟର ସାଇକେଲ ଡିହ ଗାଁ ଛକରେ ଏକ ଦୋକାନ ସାମ୍ନାରେ ଠିଆ ହୋଇଥିବା ୨ ଜଣଙ୍କୁ ଧକ୍କା ଦେଇଥିଲା। ସେହି ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବାଇକ୍ ଚାଳକଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

*Desk*

## ସଂସ୍କୃତି ବିଶ୍ୱବିଦ୍ୟାଳୟ- ନୂଆ ପାଠ୍ୟକ୍ରମ

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସଂସ୍କୃତି ଓ ପର୍ବପର୍ବାଣି ଉପରେ ପର୍ଯ୍ୟବେସିତ ଏକ ୬ ମାସିଆ ପାଠ୍ୟକ୍ରମ ଆରମ୍ଭ କରାଯିବ। ଏ ନେଇ ବିଶ୍ୱବିଦ୍ୟାଳୟର ଏକାଡେମୀ କାଉନସିଲରେ ନିଷ୍ପତ୍ତି ନିଆଯାଇଛି ବୋଲି କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ନିୟମ ଆଧାରରେ ପ୍ରସ୍ତୁତ ହେବାକୁ ଥିବା ଏହି ପାଠ୍ୟକ୍ରମ ଆଭାସୀ ମାଧ୍ୟମରେ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସସୀମା କିମ୍ବା ଶିକ୍ଷାଗତ ଯୋଗ୍ୟତା ରଖାଯିବ ନାହିଁ ବୋଲି ପ୍ରଫେସର ସ୍ୱାଇଁ ସୂଚନା ଦେଇଛନ୍ତି।

*Gajapati*

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟରେତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୪ ତାରିଖ ଦିନ ଅନୁଷ୍ଠିତ ହେବ। ବିଭିନ୍ନ ଅଦାଲତରେ ବିଚାରାଧୀନ ଥିବା ମାମଲାଗୁଡ଼ିକର ଆପୋଷ ଫଇସଲା ପାଇଁ ପଦକ୍ଷେପ ନିଆଯାଉଛି। ବିଭିନ୍ନ ଜିଲ୍ଲାର ଆଇନସେବା ପ୍ରାଧିକରଣ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୁଖ୍ୟତଃ ଦୁର୍ଘଟଣା, ବୀମା ସୁରକ୍ଷା, ବ୍ୟାଙ୍କ ଋଣ, ଚେକ୍ ବାଉନ୍ସ, ପାରିବାରିକ ବିବାଦ ଏବଂ ଜମି ଅଧିଗ୍ରହଣ ସଂକ୍ରାନ୍ତ

ମାମଲାଗୁଡ଼ିକର ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ ଫଇସଲା କରାଯାଇଥାଏ ।

ଗଜପତି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାସ୍ତରୀୟ ଏବଂ ତାଲୁକ ସ୍ତରୀୟ ଅଦାଲତରେ ବକେୟା ପଡ଼ିଥିବା ମାମଲାଗୁଡ଼ିକର ଲୋକ ଅଦାଲତରେ ବିଚାର ପାଇଁ ବ୍ୟବସ୍ଥା କରାଯାଉଛି ।

***Desk***

# ଅଗ୍ନି-୪ ସଫଳ ଉତ୍କ୍ଷେପଣ

ଭାରତୀୟ ପ୍ରତିରକ୍ଷା ବିଭାଗ ପକ୍ଷରୁ ବାଲେଶ୍ୱର ଅବଦୁଲ କଲାମ ଦ୍ୱୀପର ଏଲ୍‌ସି-୪ ଉତ୍କ୍ଷେପଣ କେନ୍ଦ୍ରରୁ ଅଗ୍ନି-୪ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ଡିଆରଡିଓ ପକ୍ଷରୁ ବିକଶିତ ଅଗ୍ନି-୪ ଏକ ମଧ୍ୟମ ଦୂରଗାମୀ ବାଲାଷ୍ଟିକ ମିଶାଇଲ । ଏହାର ୪ହଜାର କିଲୋମିଟର ଦୂରତାରେ ଥିବା ଲକ୍ଷ୍ୟକୁ ଧ୍ୱଂ କରିବାର କ୍ଷମତା ରହିଛି । ଏହି ମିଶାଇଲର ଓଜନ ୧୭ହଜାର କିଲୋଗ୍ରାମ ହୋଇଥିବାବେଳେ ଲମ୍ବ ୬୬ଫୁଟ ରହିଛି ।

***Desk***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

*********************************